# Akashvani, Sambalpur

# SAMBALPURI NEWS MORNING BULLETIN

## 6 September 2026 - 6.47- 6.52 am.

---

ଓଡ଼ିଶା ଇନ୍‌କ୍ୟୁବେଟର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ୟୋଗୀମାନ୍‌କୁ ଅଣ କୃଷିକ୍ଷେତ୍ରଥି ବ୍ୟବସାୟର୍ ବିକାଶ୍, ନୂଆଁ ରୋଜ୍‌ଗାର୍ ସୃଷ୍ଟି ଆଉ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ବଡ଼ ପଦକ୍ଷେପ୍ ନେଉଛନ୍ । ଓଡ଼ିଶା ଇନ୍‌କ୍ୟୁବେଟର୍ ଜରିଏ ମୋଟ୍ ଶହେ ୫୦ ଝନ୍ ଉଦ୍ୟୋଗୀଙ୍କୁ ବଛାଯାଇକରି ସେମାନ୍‌କୁ ଆର୍ଥିକ୍ ସାହାଜ୍ ଦେବାର୍ ସହେତେ ମାର୍ଗଦର୍ଶନ୍ ଦେବେ । ଇଥିର୍‌ଲାଗି ଆବେଦନ୍ ମୁଲ୍ ହେଇଥିବାର୍ ବେଲେ ଆଏବା ୨୧ ତାରିଖ୍ ଶେଷ୍ ଦିନ୍ ରହିଛେ । ଓଡ଼ିଶା ଇନ୍‌କ୍ୟୁବେଟର୍ ଜରିଏ ଏସ୍‌ଏଚ୍‌ଜି ଉଦ୍ୟୋଗୀମାନ୍‌କୁ ସୁଧମୁକ୍ତ ସଫ୍ଟ ଲୋନ୍ ଜରିଏ ଆର୍ଥିକ୍ ସାହାଜ୍ ଦିଆଯିବା । ଆଇ.ଆଇ.ଟି. ଭୁବ୍‌ନେଶ୍ୱର୍ ଜରିଏ ମାର୍ଗଦର୍ଶନ୍, ଯନ୍ତ୍ରପାତି, ନୂଆଁ ପ୍ରଯୁକ୍ତିବିଦ୍ୟା ଆଉ ବ୍ୟବସାୟ ପ୍ରକ୍ରିୟା ବାବଦ୍ ଜ୍ଞାନ୍ ଆର୍ ସାହାଜ୍ ଦିଆଯିବା ।

ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ୍ ଆୟୋଗ୍

ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ୟୁନିଫର୍ମଡ୍ ସେବା କର୍ମଚାରୀ ଚୟନ୍ ଆୟୋଗ୍ ତର୍ଫୁ ଓଡ଼ିଶା ପୁଲିସ୍ ଆଉ ଅଲ୍‌ଗା ବିଭାଗ୍ ଅଧିନ୍‌ଥି କନେଷ୍ଟେବଲ୍ ସ୍ତରୀୟ ପଦ୍‌ବୀ ଆଉ ସେବା ଲାଗି  ନିଯୁକ୍ତି ପ୍ରକ୍ରିୟା ମୁଲ୍ ହେଇଛେ । ଇ ବାବଦ୍ ବିଜ୍ଞାପନ୍ ଆଉ ଅଲ୍‌ଗା ନିୟମାବଳୀର ଦର୍‌କାରୀ ସୂଚ୍‌ନା ଖୋବ୍ ଜଲ୍‌ଦି ବାହାର୍‌ବା । ଇ ଭିତ୍‌ରେ ମିଳିତ ପୁଲିସ୍ ସେବା ପରୀକ୍ଷା ସି.ପି.ଏସ୍.ଇ. -୨୦୨୪ ଲାଗି ମିଲିଥିବାର୍ ଆବେଦନ୍ ପତ୍ର ମାନ୍‌କେ ବିଚାର୍‌କେ ନେଇକରି ପରୀକ୍ଷା ପ୍ରକ୍ରିୟା ତୁର୍‌ତି କର୍‌ବାର୍ ଲାଗି ପ୍ରାଥମିକତା ଭିତିଥି ଦର୍‌କାରୀ ପଦ୍‌କ୍ଷେପ୍ ନିଆଯାଇଥିବା ବିଷେ ଆୟୋଗ୍ ତର୍ଫୁ ଜନେଇ ଦିଆଯାଇଛେ । ପ୍ରାର୍ଥୀମାନେ ସଚେତନ୍ ରହେବାର୍ ସହେତେ ପ୍ରସ୍ତୁତି ଜାରି ରଖିବାର୍ ଆଉ ଆୟୋଗଙ୍କର୍ ଅଧିକୃତ ସୂଚ୍‌ନାକେ ଟାକ୍‌ବାର୍ ଲାଗି ଅନୁରୋଧ୍ କରାଯାଇଛେ ।

ପର୍ଯ୍ୟଟନ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଫି’ ଜିଲ୍ଲା ନ ‘ଗୁଟେ ଜିଲ୍ଲା-ବହୁ ପର୍ଯ୍ୟଟନ୍ ପଦକ୍ଷେପ୍’ ଅଭିମୁଖ୍ୟ ନେବାର୍‌କେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଓଡ଼ିଶା ପର୍ଯ୍ୟଟନ୍‌ର ବିକାଶ୍ ନେଇକରି ହେଇଥିବା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଶ୍ରୀମତୀ ଗର୍ଗ- ଇତାର୍ ଜରିଏ ୫ ନୁ ୧୦ ଟା ଛୋଟ୍ ଛୋଟ୍ ପର୍ଯ୍ୟଟନ୍ କ୍ଷେତ୍ରର୍ ବିକାଶ୍ ଲାଗି ପଦକ୍ଷେପ୍ ତୁର୍‌ତି କାର୍ଯ୍ୟକାରୀ କର୍‌ବାର୍‌କେ ପରାମର୍ଶ ଦେଇଛନ । ଇତାର୍‌ସହେତେ ଜିଲ୍ଲାମାନ୍‌କର୍ ଭିତ୍‌ରେ ପର୍ଯ୍ୟଟନ୍ କ୍ଷେତ୍ର ନ ସୁସ୍ଥ ପ୍ରତିଯୋଗିତା ଆଉ ଉତ୍ସାହ ବଢ଼ାବାର୍ ଲାଗି ପର୍ଯ୍ୟଟନ୍ ରେଙ୍କିଙ୍ଗ୍ ବ୍ୟବସ୍ଥା ମୁଲ୍ କର୍‌ବାର୍‌କେ କହିଛନ୍ । ଜିଲ୍ଲା ପ୍ରଶାସନ୍ ମାନେ ପର୍ଯ୍ୟଟନ୍ ବାବଦ୍ ପଦକ୍ଷେପ୍‌କେ ଅଗ୍ରାଧିକାର୍ ଦେବାର୍‌କେ ସେ କହିଛନ୍ ।

ବେଙ୍କର୍ସ କମିଟି ବୈଠକ୍ ଆଇ ଆଣ୍ଡ୍ ପି.ଆର

ଭୁବ୍‌ନେଶ୍ୱର୍ ନ ଓଡ଼ିଶା ରାଜ୍ୟସ୍ତରୀୟ ବେଙ୍କର୍ସ କମିଟି ତ୍ରୟମାସିକ୍ କାର୍ଯ୍ୟଦକ୍ଷତାର୍ ସମୀକ୍ଷା ବୈଠକ୍ ଗଲାକାଏଲ୍ ହେଇଯାଇଛେ । ବୈଠକ୍‌ଥି ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଅଧ୍ୟକ୍ଷତା କରିକରି ସବୁ କ୍ଷେତ୍ର ନ ସନ୍ତୁଲିତ୍ ଆର୍ ସମାବେଶୀ ଅଭିବୃଦ୍ଧି

ସହେତେ ବିକଶିତ୍ ଓଡ଼ିଶା ୨୦୩୬ ଆଉ ବିକଶିତ୍ ଭାରତ୍ ୨୦୪୭ ର ଭିଜନ୍ ସଫଲ୍ କର୍ବାର୍ ଦିଗେ ସବୁ ବେଙ୍କ୍, ରାଜ୍ୟସର୍କାର୍ଙ୍କର୍ ସାଙ୍ଗେ ସହଯୋଗ୍ କରିକରି କାମ୍ କର୍ବାର୍କେ ଆହ୍ୱାନ୍ ଦେଇଛନ୍ । ପ୍ରଧାନ୍ମନ୍ତ୍ରୀ ଜୀବନ୍ଜ୍ୟୋତି ବୀମା ଯୋଜ୍ନା, ପ୍ରଧାନ୍ମନ୍ତ୍ରୀ ସୁରକ୍ଷା ବୀମା ଯୋଜ୍ନା ବାଗିର୍ ଭିନ୍ ଭିନ୍ ଯୋଜ୍ନାର୍ ସଫଲ୍ କାର୍ଯ୍ୟକାରିତା ବାବ୍ଦେ ଭିଲ୍ ଆଲୋଚନା କରାଯାଇଥିଲା ।

କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ        ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଏମ୍.ଏମ୍.ଆଇ.ଟି. ଅଡିଟୋରିୟମ୍ ନ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ୍ 'ସାମର୍ଥ୍ୟ'-୨୦୨୬ ହେଇଯାଇଛେ । ଇଥର ସାମର୍ଥ୍ୟ -୨୦୨୬ ଥି ଦିବ୍ୟାଙ୍ଗମାନ୍କର୍ ସଫଲତା, ଆତ୍ମବିଶ୍ୱାସ ଆଉ ସମାଜ୍ ଲାଗି ସେମାନ୍କର୍ ସକାରାତ୍ମକ୍ ଯୋଗ୍ଦାନ୍ ଉପ୍ରେ ଜୋର୍ ଦିଆଯାଇଥିଲା । ଇ ମହୋତ୍ସବ୍ଥି ସାରା ଦେଶୁ ୬୨ ଟା ସିନ୍ମା ଆସିଥିଲା । ସେ ଭିତ୍ରୁ ୩୮ ଟା ସିନ୍ମା ଚୂଡ଼ାନ୍ତ ପ୍ରଦର୍ଶନ୍ ଲାଗି ବଛାଯାଇଥିଲା । ଇଥି ଜାତୀୟ ବିଭାଗ୍ଥି 'ଟ୍ୟୁନ୍ ଅପ୍ ଲାଇଫ୍' ଆଉ 'ମେଡ଼ାଲ୍' ଶ୍ରେଷ୍ଠ

ଚଳଚ୍ଚିତ୍ର ପୁରସ୍କାର୍ ପାଇଥିବାର୍ ବେଲେ ଓଡ଼ିଆ ବିଭାଗ୍‌ଥି 'ଅନ୍ତର୍ଦୃଷ୍ଟି' ଆଉ 'ଲିକ୍' କେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର୍ ଦିଆଯାଇଛେ ।

ଉଦ୍ୟାନ୍ କୃଷି ସଚେତନତା ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ସର୍କାର୍‌ଙ୍କର୍ ଉଦ୍ୟାନ୍ କୃଷି ନିର୍ଦ୍ଦେଶାଳୟ ତର୍ଫୁ ୩୦ ଟା ଯାକ ଜିଲ୍ଲା ନ ବୃହତ୍ ଉଦ୍ୟାନ୍ କୃଷି ସଚେତନତା ଆଉ ପ୍ରସାର୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଯୁବପିଢ଼ିଙ୍କୁ ବ୍ୟବହାରିକ୍ ବୈଷୟିକ୍ ଜ୍ଞାନ୍‌କୌଶଲ୍ ଆଉ ଆତ୍ମନିଯୁକ୍ତି କ୍ଷେତ୍ର ନ ସକ୍ଷମ୍ କର୍‌ବାର୍ ଲାଗି ହେଇଥିବା ଇ ଅଭିଯାନ୍‌ଥି ୨ ଶହ ୨୦ ନୁ ଅଏତ୍‌କା ମହାବିଦ୍ୟାଳୟର୍ ୨୬ ହଜାର୍ ୯ ଶହ ନୁ ଅଏତ୍‌କା ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ ।

ଜିଏମ୍‌ୟୁ- ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ସମ୍ବଲ୍‌ପୁର୍ ପବ୍ଲିକ୍ ଲାଇବ୍ରେରୀ ତର୍ଫୁ ଗଲାକାଏଲ୍ ଗୁରୁଦିବସ୍

ଅବ୍‌ସରେ ଶିକ୍ଷକ୍ ସମ୍ବର୍ଦ୍ଧନା ସମାରୋହ ହେଇଯାଇଛେ । ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଇଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶିକ୍ଷକ୍ ସମାଜ୍‌କେ ଶୁଭେଚ୍ଛା ଜନାବାର୍ ସହେତେ ରାଷ୍ଟ୍ରନିର୍ମାଣ୍‌ଥି ସେମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପ୍‌ରେ ଆଲୋକ୍‌ପାତ୍ କରିଛନ୍ ।

ନିପା- ଜାତୀୟ ପୁରସ୍କାର      ଆଇ ଆଣ୍ଡ୍ ପି.ଆର୍

ନୂଆଦିଲ୍ଲୀର୍ ନେସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସ୍‌ନାଲ୍ ପ୍ଲାନିଂ ଏଣ୍ଡ୍ ଏଡ୍‌ମିନିଷ୍ଟ୍ରେସନ୍ - ନିପା ତର୍‌ଫୁ ଓଡ଼ିଶାର୍ ୭ ଝନ୍ ଶିକ୍ଷା ଅଧିକାରୀଙ୍କୁ ପୁରସ୍କୃତ୍ କରାଯାଇଛେ । ସେମାନେ ହେଲେ ଓସେପାର ଯୁଗ୍ମ ନିର୍ଦ୍ଦେଶିକା ସସ୍ମିତା ସାହୁ, ଗଜପତିର ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର୍ ମାୟାଧର୍ ସାହୁ, ଝାର୍‌ସୁଗୁଡ଼ାର୍ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର୍ ରାଧାକାନ୍ତ ଗଡ୍‌ତିଆ, ବଲାଙ୍ଗିର୍‌ର ଏଡିଇଓ ସେବାଶ୍ରୀ ଭୋଇ, ଯାଜ୍‌ପୁର୍‌ର ସମଗ୍ର ଶିକ୍ଷାର ଯୋଜ୍‌ନା ସଂଯୋଜକ  ତ୍ରିଲୋଚନ ସାହୁ, ଯାଜ୍‌ପୁର୍‌ର ଏଡିଇଓ ସବିତା ସାହୁ ଆଉ କେନ୍ଦୁଝର୍‌ର ଏଡିଇଓ ଶ୍ରୀକାନ୍ତ ବେହେରା ।

ପୁରୀଶ୍ରୀମନ୍ଦିର୍-ବନଭୋଜି ବେଶ        ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଜନ୍ମାଷ୍ଟମୀ ଠାନୁ ମୁଲ୍ ହେଇଥିବା ଶ୍ରୀକୃଷ୍ଣଙ୍କର୍ ଲୀଳାର ଆଏଜ୍ ଦଶ୍‌ମୀ ତିଥି ନ ମାହାପୁରୁଙ୍କର୍ ବନଭୋଜି ବେଶ ହେବା । ଗୋପଲୀଳା ସମିଆଥି କୃଷ୍ଣ ଆଉ ବଳରାମ୍ ଗାଈ, ବାଛୁରୀମାନ୍‌କୁ ସାଙ୍ଗେ ନେଇକରି ବନଭୋଜି ଲାଗି ଯାଇଥିବାର୍ କଥା ପୁରାଣଥି ବର୍ଣ୍ଣିତ ରହିଛେ । ଇ ପରମ୍ପରାକେ ସୋର୍ କରିକରି ଭୁଦୋ ମାସର୍ ଅନ୍ଧାର୍ ପଖର ଦଶ୍‌ମୀ ତିଥିଥି ମାହାପୁରୁଙ୍କୁ ଇ ବେଶ କରାଯାଏସି ।